# ତହସିଲ କାର୍ଯ୍ୟାଳୟ,ଘଷିପୁରା

## ଲଘୁ ଖଣିଜ ଉତ୍ସ ଦୀର୍ଘମିଆଦି ଲିଜ ନିଲାମ ଇସ୍ତାହାର

ପତ୍ରସଂଖ୍ୟା. ତା.

ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ -2016 ଓ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ ) ନିୟମାବଳୀ -2017 ଅନୁଯାୟୀ ଏତଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିଯେ, ଓଡିଶା ସରକାର ଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ଘଷିପୁରା ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ସମ୍ପଦ ଖାଦାନ ଗୁଡିକ ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ଚଳିତ ୨୦୧୯-୨୦ ବର୍ଷ ଠାରୁ ୨୦୨୩-୨୪ ବର୍ଷ ପର୍ଯ୍ୟନ୍ତ ଲିଜ ନିମିତ୍ତ ନିମ୍ନ ସାରଣୀ ମୁତାବକ ଧାର୍ଯ୍ୟ, ସ୍ଥାନ ଓ ତାରିଖ ଓ ସମୟରେ ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC(Amendment) Rules – 2016 from "M " ପୂରଣ କରି ଏହାର 3 କପି ସହ ନିମ୍ନ ଲିଖିତ ଦସ୍ତାବିତ ସଂଲଗ୍ନ କରି sealed cover ରେ ଆବେଦନ କରିବେ ଯାହାକି ନିମ୍ନ ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧି ଉପସ୍ଥିତିରେ ତନଖି କରାଯିବ । ଯେଉଁ ସୈରାତ ଉତ୍ସଗୁଡିକର ପ୍ରଥମ ତାରିଖରେ ଚୁଡାନ୍ତ ହୋଇ ନ ପାରିବ ସେହି ଉତ୍ସପାଇଁ ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ ରେ ଧାର୍ଯ୍ୟ ସମୟରେ ପୂର୍ବପରି ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ । ଧାର୍ଯ୍ୟ ତାରିଖ ଅତିବାହିତ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । କୌଣସି କାରଣ ନ ଦର୍ଶାଇ ଉକ୍ତ ନିଲାମକୁ ସଂଶୋଧନ, ଖାରଜ କିମ୍ବା ସ୍ଥଗିତ କରିବାର କ୍ଷମତା, କ୍ଷମତା ପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, କେନ୍ଦୁଝରଙ୍କ ର ରହିଅଛି । ପ୍ରତି ନିଲାମ ତାରିଖର ପୂର୍ବ କାର୍ଯ୍ୟ ଦିବସ ଅପରାହ୍ଣ ୫.୩୦ ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ଗୁଡିକ ତହସିଲଦାର ଘଷିପୁରା , କାର୍ଯ୍ୟାଳୟରେ ଥିବା Drop Boxରେ ପକାଇ ପାରିବେ । (ଛୁଟିଦିନ ବ୍ୟତୀତ) ଉତ୍ସଗୁଡିକର ବିବରଣୀ ଦରଖାସ୍ତ କରିବାର ନିୟମାବଳୀ ଓ ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତବଳି କେନ୍ଦୁଝର ଜିଲ୍ଲା Web site , www.kendujhar.nic.in ଅଧିନରେ ଉପଲବ୍ଧ ହେବ ଓ ଅନ୍ୟ କୌଣସି ତଥ୍ୟ ଜାଣିବାପାଇଁ ଇଚ୍ଛୁକ ବ୍ୟକ୍ତି ଘଷିପୁରା ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଧାର୍ଯ୍ୟ ତାରିଖ ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରିବେ ।

**ଦୀର୍ଘମିଆଦି ଲିଜ ନିମନ୍ତେ ନିଲାମ ପର୍ଯ୍ୟାୟ**

ନିଲାମ ସ୍ଥାନ- ଘଷିପୁରା ତହସିଲ କାର୍ଯ୍ୟାଳୟ

ନିଲାମ ତାରିଖ ଓ ସମୟ –

୧ ମ ପର୍ଯ୍ୟାୟ ୨୭.୦୯.୨୦୧୯
୨ ୟ ପର୍ଯ୍ୟାୟ ୧୮.୧୦.୨୦୧୯
୩ ୟ ପର୍ଯ୍ୟାୟ ୩୦.୧୦.୨୦୧୯

ଦରଖାସ୍ତ ସହିତ ଆବଶ୍ୟକୀୟ ଦସ୍ତାବୀଜ:

୧. ଦରଖାସ୍ତ ପାଉଣା ବାବଦ ଟ ୧୦୦୦ ଟଙ୍କା (ଅଣଫେରସ୍ତ)ର ଟ୍ରେଜରି ଚାଲାଣ) Head of Account -0853-Non-Ferrous Mining and Metallurgical Industries-102-Mineral Concession Fees, Rents and Royalities).

୨. ପ୍ରସ୍ତାବିତ ସୈରାତ ଉତ୍ସ ତଫସିଲ ସହ ଚୌହଦି ସଂପୂର୍ଣ୍ଣ ବିବରଣୀ (ସମ୍ପୃକ୍ତ ସୈରାତ ଉତ୍ସ କୁ ପରିଦର୍ଶନକରି ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ନକ୍ସା ସହିତ ମେଳ କରି ଦରଖାସ୍ତ ସହିତ ସଂଲଗ୍ନ କରିବେ ।

୩. ଘଷିପୁରା ତହସିଲ ଅଧିନରେ ସୈରାତ ଉତ୍ସ ବାବଦ କୌଣସି ବକେୟା ଅର୍ଥ ନଥିବା ସମ୍ବଧୀୟ ସତ୍ୟପାଠ।

୪. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସ୍ଥାବର ସମ୍ପତ୍ତିର ପ୍ରମାଣ ପତ୍ର ସହ Solvency Certificate ବା Bank Guarantee ଯାହାକି ଆଗାମୀ ୧୮ ମାସ ପାଇଁ ବୈଧ ହୋଇଥିବା ବାଞ୍ଛନୀୟ ଏବଂ Solvency Certificate ବା Bank Guarantee ଦରଖାସ୍ତକରି ନିଲାମ ଡ଼ାକିଥିବା ଦେୟ ଏବଂ ଏକ ବର୍ଷ ପାଇଁ ରୟାଲଟି ଦେୟ ଠାରୁ କମ ହେଲେ ଗ୍ରହଣୀୟ ନୁହେଁ ।

୫. ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ବିବରଣୀ ତଥା ବୈଷୟିକ ଜ୍ଞାନ ଦକ୍ଷତା ଉପଲବଧି ଥିବା ଯନ୍ତ୍ରପାତି ଓ ଆର୍ଥିକ ବ୍ୟବସ୍ଥା ବବାଦୀୟ ତଥ୍ୟ।

## ବିଶେଷ ସର୍ତ୍ତାବଳୀ

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟାମାବଳୀ ୨୦୧୬, ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟାମାବଳୀ, ୨୦୧୭ ଓ Manual of Tahsil Account ର ପରିସର ଭୁକ୍ତ ରହିବା

୨.ପ୍ରଚଳିତ ନିୟମାବଳୀ ଅନୁଯାୟୀ ସୈରାତ ଉତ୍ସର ଅତିରିକ୍ତ ଦେୟ ଧାର୍ଯ୍ୟ କରାଯାଇଛି । ଏହି ଅତିରିକ୍ତ ଦେୟ ନୀଲାମଧାରୀ ଉତ୍ସଟିକୁ କେତେରେ ନେବାକୁ ଚାହୁଁଛନ୍ତି ଦରଖାସ୍ତରେ ଉଲ୍ଲେଖ କରିବେ । ସର୍ବୋଚ୍ଚ ନିଲାମଧାରୀଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।

୩.ଅତିରିକ୍ତ ଦେୟ ଏବଂ ଏକ ବର୍ଷ ରୟାଲଟି ଦେୟର ୫ ପ୍ରତିଶତ ଅର୍ଥ ରାଶି ଅମାନତ ଆକାରରେ ତହସିଲଦାର,ଘଷିପୁରା ଙ୍କ ନିକଟରେ ଦାଖଲ କରି ପ୍ରାପ୍ତ ରସିଦ ଅବିକଳ ନକଲ ଦରଖାସ୍ତ ସହ ଯୋଡିବେ ।

୪ .ଯଦି ନୀଲାମଧାରୀ ନିଧାରିତ ସମୟରେ ଅଧିକୃତ ଅଧିକାରୀଙ୍କ ଦ୍ୱାରା ବା ଅନୁମୋଦିତ Mining Plan ( in ZB From) ଓ ପରିବେଶ ମଞ୍ଜୁରୀ ସମ୍ବଧୀୟ କାଗଜପତ୍ର ଦାଖଲ ନ କରନ୍ତି ତେବେ ଆଇନି ଅନୁଯାଇ ପରବର୍ତ୍ତୀ ପଦେକ୍ଷେପ ଗ୍ରହଣ କରାଯିବ ।

୫.ଚୟନ ହୋଇଥିବା ଲିଜଧାରି ଚୟନ ହେବାର ୧୫ ଦିନ ମଧ୍ୟରେ ସେହି ଆର୍ଥିକ ବର୍ଷ ପାଇଁ ଡାକିଥିବା ଅତତିରିକ୍ତ ଦେୟ , ଧାର୍ଯ୍ୟ ଗଚ୍ଛିତ ଖଣିଜ ଦ୍ରବ୍ୟ ର ରୟାଲଟି District Mineral Foundation ର ଦେୟ ପଇଠ କରିବାକୁ ପଡିବ ସମ୍ପୂର୍ଣ ରାଶି ପଇଠ ହେଲା ପରେ ପରିବେଶ ମଞ୍ଜୁରୀ ଆଣି ରେଜିଷ୍ଟ୍ରେଶନ Act.1908 ଓ ଷ୍ଟାମ୍ପ Act 1899 ଅନୁଯାଇ ଚୁକ୍ତିପତ୍ର (Lease Deed) ଷ୍ଟାମ୍ପ ସମ୍ପାଦନ କରିବେ ଏବଂ ଉତ୍ସ ପରିଚାଳନା କରିବେ ।

୬ .ଯଦି ସର୍ବୋଚ୍ଚ ରୟାଲଟି ମୂଲ୍ୟଙ୍କ କରିଥିବା ଆବେଦନକାରୀ ନିଦ୍ଧାରିତ ସମୟସୀମା ମଧ୍ୟରେ ଅମାନତ ରାଶି/ନିଲାମ ରାଶି/ ପରିବେଶ ମଞ୍ଜୁରୀ ଦାଖଲ କରିବାରେ ଖିଲାପ କରନ୍ତି ତାହେଲେ କେବଳ ଦ୍ୱିତୀୟ ସର୍ବୋଚ୍ଚ ନୀଲାମାଧରୀ ଙ୍କୁ ସୁଯୋଗ ଦିଆଯିବ ।

୭. ଯଦି ଦରଖାସ୍ତକରି ଧାର୍ଯ୍ୟ ଅତିରିକ୍ତ ଦେୟ ମୂଲ୍ୟଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତ କୁ ବିଚାରକୁ ନିଆଯିବ ନହିଁ ।

୮. ନିଲାମଧାରୀ OMMC Rule- 2016 ଓ 2017, ର ସମସ୍ତ ସର୍ତ୍ତାବଳି ମାନିବା ନିମନ୍ତେ ବାଧ ହେବେ ।

୯ .ସର୍ବୋଚ୍ଚ ନିଲାମଧାରୀଙ୍କ ଦ୍ୱାରା ମୂଲ୍ୟଙ୍କ ହୋଇଥିବା ରୟାଲଟିରେ ଯଦି ଚୁକ୍ତିପତ୍ର ସମ୍ପାଦନା ଅବଧି ଭିତରେ କୌଣସି ବୃଦ୍ଧି ଘଟିଥିଲେ ତେବେ ଏହା ତାଙ୍କ ପାଇଁ ଲାଗୁ ହେବ ।

୧୦. ଲିଜଧାରୀ ଜମା ଦେୟର 2% ଆୟକର(T.D.S) ବାବଦ କୁ ଚାଲାଣ ଆକାରରେ ଜମାକରିବେ ଏବଂ ରୟାଲଟି ର 10 % ଜିଲ୍ଲା ଖଣିଜ ପାଣ୍ଠି ଓ ଶତକଡା ୫ ଭାଗ ଅର୍ଥ, ପରିବେଶ ପରିଚାଳନା ପାଣ୍ଠି ଙ୍କୁ ଦେୟ ରୂପେ ପଇଠ କରିବାକୁ ପଡିବ ।

୧୧ ଲିଜଧାରି ଲିଜ ଅବଧି ମଧ୍ୟରେ ପରବର୍ତ୍ତୀ ବର୍ଷ ଗୁଡିକ ପାଇଁ ବାର୍ଷିକ ସମସ୍ତ (ଯଥା ରୟାଲଟି, ଅତିରିକ୍ତ ଦେୟ ଓ ଅନ୍ୟନ୍ୟ ଲିଜ ଦେୟ ) ବର୍ଷ ଆରମ୍ଭରୁ ପଇଠ କରିବେ ।

୧୨ ଲିଜ ଚୁକ୍ତିନାମା ସମ୍ପାଦନା ପରେ ଧାର୍ଯ୍ୟ ଅବଧି ଶେଷ ମଧ୍ୟରେ ଯଦି ଓଡିଶା ସରକାରଙ୍କ ଦ୍ୱାରା ସ୍ଥିରୀକୃତି ଅନୁସୂଚି ୨ (Schedule –II) ଉଲ୍ଲିଖିତ ଲଘୁ ଖଣିଜ ଦ୍ରବ୍ୟର ଦର ବୃଦ୍ଧି ଘଟେ ତାହେଲେ ଲିଜଧାରୀ ଦରବୃଦ୍ଧି ଅନୁଯାୟୀ ରୟାଲଟି ଦରବୃଦ୍ଧି ତାରିଖ ଠାରୁ ପଇଠ କରିବେ।

୧୩. ଲିଜରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ଉତ୍ସଗୁଡିକ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ ନେବା ପରେ ଉତ୍ସର ପରିଚାଳନା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ । ଲଘୁଖଣିଜ ପଦାର୍ଥଉତ୍ସର ପରିଚାଳନା ସମ୍ପର୍କରେ ପ୍ରକୃତିକ ବିପର୍ଜୟ ଦ୍ୱାରା କ୍ଷୟକ୍ଷତି ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନହିଁ ।

୧୪. ଯଦି ଏହି ସଇରାତ ଉତ୍ସର ଅନୁମୋଦନ ପରିବେଶ ମଞ୍ଜୁରୀ ପୂର୍ବରୁ କ୍ଷମତା ପନ୍ନ ଅଧିକାରୀ ଦ୍ୱାରା ସଂପୂର୍ଣ୍ଣ କରାଯାଇ ଥାଏ । ତେବେ ଉକ୍ତ ଖର୍ଚ୍ଚ ରାଶି ଲିଜଧାରୀ ବହନ କରିବେ । ଯଦି ଏହି କାର୍ଯ୍ୟ କରାଯାଇ ନଥାଏ ତେବେ ଲିଜଧାରୀ ଅନୁମୋଦନ କରାଇ ପରିବେଶ ମଞ୍ଜୁରୀ ପ୍ରାପ୍ତ ପରେ ଲିଜ ରାଜିନାମା ପରେ ଉତ୍ସ ପରିଚାଳନା କରିବାକୁ ଯୋଗ୍ୟ ହେବେ । ଏହା ଭାରତ ସରକାର ଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରାଳୟ ବିଜ୍ଞପ୍ତି ସଂଖ୍ୟା ଏସ ଓ ୧୫୩୩ ତା ୧୪.୦୯.୨୦୦୬ ଅନୁଯାୟୀ ଉତ୍ସ ପରିଚାଳନା ପାଇଁ ବାଧ୍ୟତା ମୂଳକ ଅଟେ ।

୧୫. ଲିଜ ପ୍ରଦାନ ପରେ ସଇରାତ ଉତ୍ସର କ୍ଷେତ୍ର ପରିବର୍ତ୍ତନ କରାଯାଇ ପାରିବ ନହିଁ ।

୧୬. ସର୍ବୋଚ୍ଚ ଦରର ଅତିରିକ୍ତ ଦେୟ ଦାଖଲ ପାଇଁ ଆବେଦନ କରିଥିବା ଲିଜଧାରୀ ଯଦି ସମସ୍ତ ଦେୟ ଟଙ୍କା ଜମା କରିବା ପରେ ବା ଲିଜ ଚୁକ୍ତିନାମା ସମ୍ପାଦନା କରିବା ପରେ ମୃତ୍ୟୁବରଣ କରନ୍ତି ତେବେ ଉକ୍ତ ଜମା ଚୁକ୍ତିନାମା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଦ୍ୱାରା ସମ୍ପାଦିତ ହୋଇଛି ବୋଲି ଧରି ନିଆଯିବ ।

୧୭. ଲିଜଧାରି ନିଜ ଦାୟିତ୍ୱରେ ପରିବେଶ ପରିଚାଳନା ଯୋଜନା କାର୍ଯ୍ୟକାରୀ କରିବେ।

୧୮. ବାଲି ନିଲାମଧାରୀ ନଦୀ ଶଯ୍ୟାର ୩ ମିଟର ଗଭୀରତା ଓ ଜଳସ୍ତର ମଧ୍ୟରୁ ଯେଉଁଟି କମ ସେହି ଗଭୀରତାରୁ ଅଧିକ କିମ୍ବା ଦାୟିତ୍ୱରେ ଥିବା ଯନ୍ତ୍ରୀ ଙ୍କ ନିର୍ଦ୍ଧାରିତ ସର୍ତ୍ତ ବ୍ୟତିକ୍ରମ କରି ବାଲି ଖନନ କରିପାରିବେ ନାହିଁ ।

୧୯. ସମ୍ବାଦପତ୍ର ରେ ବିଜ୍ଞପ୍ତି ପ୍ରକାଶନର ସମସ୍ତ ଖର୍ଚ୍ଚ ନିଲାମଧାରୀ ବହନ କରିବେ ।ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତିତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ । ଯଦି ଉକ୍ତ ଇସ୍ତାହାର ରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା ଅଧିକାରୀଙ୍କର ଅଛି ।

୨0. ଏତତ ବ୍ୟତିତ ଅତିରିକ୍ତ ମୂଲ୍ୟ ବାବଦ କୌଣସି ନିର୍ଦ୍ଦେଶନାମା ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରୁ ହସ୍ତଗତ ହୁଏ ତେବେ ଲିଜଧାରୀ ତାହା ମାନିବାକୁ ବାଧ୍ୟ ହେବେ ।

# ସୈରାତ ଉତ୍ସଗୁଡିକର ବିବରଣୀ

| କ୍ରମିକ ସଂଖ୍ୟା | କେଶ ନ | ଲଘୁଖଣିଜାତ ଉତ୍ସ ନାମ | ମୌଜା | ଖାତା | ପ୍ଲଟ | ରକବା (ଏକରରେ) | ସର୍ବନିମ୍ନ ବାର୍ଷିକ ଗଚ୍ଛିତ ଥିବା ଖଣିଜ ପଦାର୍ଥର ପରିମାଣ (ଆନୁଷଙ୍ଗିକ) | ରୟାଲଟି ର ମୂଲ୍ୟ(ଘ. ମି ) | ଅତିରିକ୍ତ ଦେୟ |
|---|---|---|---|---|---|---|---|---|---|
| ୧ | ୧/୨୦୧୯-୨୦ | ରେମାଳ ନଦୀ ବାଲି ଶଯ୍ୟା | ଖଇଲୋ | ୨୧୬ | ୪୨୦ | ୧୮.୦୦ | ୨୪୭୨ | ୩୫/- | ୧.୭୫ /- |
| ୨ | ୨/୨୦୧୯-୨୦ | ରେମାଳ ନଦୀ ବାଲି ଶଯ୍ୟା | କାଠପାଳ to ଦରଡିପାଳ | ୨୦୫ | ୫୫୦<br>୨୯୭<br>୪୪୮ | ୧୨.୫୦ | ୩୦୯୦ | ୩୫/- | ୧.୭୫ /- |
| ୩ | ୩/୨୦୧୯-୨୦ | ରେମାଳ ନଦୀ ବାଲି ଶଯ୍ୟା | ଅଁଳାପାଳ | ୧୧୫ | ୨୨୯ | ୧୨.୫୦ | ୨୧୪୨ | ୩୫/- | ୧.୭୫ /- |
| ୪ | ୪/୨୦୧୯-୨୦ | ବୈତରଣୀ ନଦୀ ବାଲି ଶଯ୍ୟା | ତମ୍ପୋ | ୨୨୧ | ୭୦୫<br>୭୦୬ | ୮.୪୦<br>୪.୧୦ | ୩୮୯୦ | ୩୫/- | ୧.୭୫ /- |
| ୫ | ୫/୨୦୧୯-୨୦ | ସଣ୍ଢେଇନଦୀ ବାଲି ଶଯ୍ୟା | ବସନ୍ତପୁରା | ୬୨୦ | ୪୦୫୧ | ୧୨.୫୦ | ୨୧୯୦ | ୩୫/- | ୧.୭୫ /- |
| ୬ | ୬/୨୦୧୯-୨୦ | ନୂଆ ବରିପାଳ ହୁଡି | ବରିପାଳ | ୩ | ୧୬୮ | ୨.୨୭ | ୫୧୮ | ୧୩୦/- | ୬.୫୦/- |
| ୭ | ୭/୨୦୧୯-୨୦ | ବସନ୍ତପୁରା ପଥର ଖଣି | ବସନ୍ତପୁରା | ୬୨୦ | ୬୨୮ | ୧.୭୨ | ୫୦୦ | ୧୩୦/- | ୬.୫୦/- |
| ୮ | ୮/୨୦୧୯-୨୦ | କାଲାବିଲା ପଥର ଖଣି | ଗୋହିରା | ୩୦୦ | ୧୧୧ | ୨.୬୧ | ୨୪୦୦ | ୧୩୦/- | ୬.୫୦/- |
| ୯ | ୯/୨୦୧୯-୨୦ | ପଟିଲୋ | ପଟିଲୋ | ୧୯୦ | ୧୫୫୧ | ୧.୯୪ | ୮୦୦ | ୧୮୦/- | ୯/- |

ତହସିଲଦାର, ଘଷିପୁରା

ପରିପତ୍ର ସଂଖ୍ୟା 2240 ତାରିଖ 10.9.19

ଉକ୍ତ ନୋଟିସର ଏକକିତା ନକଲ ଜିଲ୍ଲାପାଳ,କେନ୍ଦୁଝର/ଉପଜିଲ୍ଲା ପାଳ ଆନନ୍ଦପୁର/ D.I.O,NIC, Keonjhar ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଘଷିପୁରା

ପରିପତ୍ର ସଂଖ୍ୟା 2241 ତାରିଖ 10.9.10.

ଉକ୍ତ ନୋଟିସର ଏକକିତା ନକଲ ନିର୍ବାହୀ ଯନ୍ତ୍ରୀ , ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଆନନ୍ଦପୁର / ନିର୍ବାହୀ ଯନ୍ତ୍ରୀ , ବୈତରଣୀ ବ୍ୟରେଜେ ପ୍ରକଳ୍ପ, ଆନନ୍ଦପୁର / ନିର୍ବାହୀ ,ଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଆନନ୍ଦପୁର / ନିର୍ବାହୀ ଅଧିକାରୀ , ଆନନ୍ଦପୁର ପୌର ପରିଷଦ /ତହସିଲଦାର ଆନନ୍ଦପୁର /ତହସିଲଦାର ହାଟଡ଼ିହି ,/ଗୋଷ୍ଠୀ ଉନ୍ନୟନ ଅଧିକାରୀ , ଘଷିପୁରା /ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆନନ୍ଦପୁର /ଗୋଷ୍ଠୀ ଉନ୍ନୟନ ଅଧିକାରୀ ହାଟଡ଼ିହି ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଘଷିପୁରା

ପରିପତ୍ର ସଂଖ୍ୟା 2242 ତାରିଖ 10.9.19.

ଉକ୍ତ ନୋଟିସର ଏକକିତା ନକଲ ଅତ୍ର ତହସିଲର ସମସ୍ତ ରାଜସ୍ୱ ନିରୀକ୍ଷକ/ସମ୍ପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚ ଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯିବା ସହିତ ଯେପରି ଆଗ୍ରହୀ ବ୍ୟକ୍ତି ବିଶେଷ / ଅନୁଷ୍ଠାନ ଆଦି ନିର୍ଦ୍ଧାରିତ ସମୟରେ ନିଲାମ ଭାଗ ନେବେ ସେଥିପ୍ରତି ପଦକ୍ଷପ ନେବାକୁ ନିର୍ଦ୍ଦେଶ ଦିଆଗଲା ।ଅତ୍ର ତହସିଲ ନୋଟିସ ବୋର୍ଡ କୁ ନୋଟିସ ର ଏକକିତା ନକଲ ସର୍ବସାଧାରଣ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଘଷିପୁରା

01C.